## ଜିଲ୍ଲାପାଳଙ୍କ ଦ୍ୱାରା ନୂଆ ରାଇଗୋଡା ଗ୍ରାମର ପୁନଃସ୍ଥାପନ କାର୍ଯ୍ୟର ସମୀକ୍ଷା

-ଅନୁକମ୍ପା ସହାୟତା (Ex-gratia) ଓ ବିଜୁ ପକ୍କା ଘର ତୁରନ୍ତ ପ୍ରଦାନ କରିବାକୁ ନିର୍ଦ୍ଦେଶ ।

**District level meeting for re-location of New Raiguda village.**

ଅନୁଗୋଳ, ତା.୦୮.୦୮.:- ସାତକୋଶିଆ ବ୍ୟାଘ୍ର ସଂରକ୍ଷିତ କୋର ଏରିଆ ମଧ୍ୟରୁ ସ୍ଥାନାନ୍ତର ହୋଇ ସାଲୁଆଳିଠାରେ ଅବସ୍ଥାପିତ ନୂଆ ରାଇଗୋଡା ଗ୍ରାମର ଅଧିବାସୀମାନଙ୍କ ନିମନ୍ତେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ଆଜି ଅପରାହ୍ନରେ ତାଂକ କାର୍ଯ୍ୟାଳୟ ପ୍ରକୋଷ୍ଠରେ ସମୀକ୍ଷା କରିଛନ୍ତି । ସାଲୁଆଳିଠାରେ ପୁନଃସ୍ଥାପନ ହୋଇଥିବା ୭୮ଟି ପରିବାରକୁ ସମସ୍ତ ପ୍ରକାର ଆନୁଷଙ୍ଗିକ ସୁବିଧା ଯୋଗାଇ ଦେବା ନିମନ୍ତେ ବନ ବିଭାଗ ଓ ବିଭିନ୍ନ ବିଭାଗ ଦ୍ୱାରା କାର୍ଯ୍ୟ ଚାଲୁ ରହିଛି । ଏହି କାର୍ଯ୍ୟର ସୁପରିଚାଳନା ଓ ଏହାକୁ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ସାରିବା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ । ୭୮ଟି ପରିବାର ପାଇଁ ପ୍ଲଟ ଚିହ୍ନଟକରଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି । ୫୬ଟି ପ୍ଲଟ ଚିହ୍ନଟକରଣ ହୋଇ ବିଜୁ ପକ୍କା ଘର ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବା ବେଳେ ୨୨ଟା ପ୍ଲଟ ଜମି ଜମା ବିବାଦ ହେତୁ ଚିହ୍ନଟକରଣ ହୋଇପାରିନାହିଁ । ଏହି ୫୬ଟି ଗୃହରେ ଆବଶ୍ୟକ ବିଦ୍ୟୁତ୍ ସଂଯୋଗ ଓ ପାନୀୟ ଜଳ ଯୋଗାଣ କାର୍ଯ୍ୟ ଶେଷ ହୋଇଛି । ୧୭ ଏକର ପରିମିତ ଯାଗାରେ ଏହି ୭୮ଟି ପରିବାରକୁ ୪ ଡେସିମିଲି ଲେଖାଏଁ ଯାଗା ଗୃହ ପାଇଁ ଯୋଗାଇ ଦିଆଯାଇଛି । ବିସ୍ଥାପିତ ହୋଇଥିବା ୭୮ଟି ପରିବାରକୁ ୨ କୋଟି ୩ ଲକ୍ଷ ଟଂକାର Ex-gratia ଅନୁକମ୍ପା ସହାୟତା ପ୍ରଦାନ ନିମନ୍ତେ ତହସିଲଦାରଙ୍କୁ ଦାୟିତ୍ୱ ଦିଆଯାଇଛି । ବର୍ତ୍ତମାନ ସୁଦ୍ଧା ୧ କୋଟି ୨୮ ଲକ୍ଷ ଟଂକା ଅନୁକମ୍ପା ସହାୟତା ବାବଦରେ ପ୍ରଦାନ କରାଯାଇଛି ବୋଲି ତହସିଲଦାର ପ୍ରକାଶ କରିଥିଲେ । ଅଧିକାଂଶ ଉତ୍ତରାଧିକାରୀ ଅନ୍ୟତ୍ର ବିବାହ କରିଯାଇଥିବାରୁ ସେମାନଙ୍କୁ ଚିହ୍ନଟ କରିବାରେ ସମ୍ପୃକ୍ତ ପରିବାରଗୁଡିକର ସହାୟତା ନେବାକୁ ଜିଲ୍ଲାପାଳ ବନବିଭାଗ, ତହସିଲଦାରଙ୍କ ଓ ଉପଜିଲ୍ଲାପାଳଙ୍କୁ ପରାମର୍ଶ ଦେଇଛନ୍ତି । ଚଳିତ ମାସ ୧୬ ତାରିଖରେ ଅନୁଗୋଳ ଉପଜିଲ୍ଲାପାଳଙ୍କ ସହ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଏହି ଗ୍ରାମକୁ ପରିଦର୍ଶନରେ ଯାଇ ଲୋକମାନଙ୍କର ଆବଶ୍ୟକତା ସମ୍ପର୍କରେ ଅନୁଧ୍ୟାନ କରି ଜିଲ୍ଲାପାଳଙ୍କୁ ଅବଗତ କରିବାକୁ ପରାମର୍ଶ ଦିଆଯାଇଛି । ଯେଉଁ ୨୧ଟି ପରିବାର Ex-gratia ଅନୁକମ୍ପା ସହାୟତା ପାଇବା ନିମନ୍ତେ ଉଚ୍ଚ ନ୍ୟାୟାଳୟରେ ଆବେଦନ କରିଛନ୍ତି ସେମାନଙ୍କୁ ଚଳିତ ମାସ ୨୦ ତାରିଖ ସୁଦ୍ଧା ଏହା ପ୍ରଦାନ କରିବାକୁ ଜିଲ୍ଲାପାଳ ତହସିଲଦାରଙ୍କୁ ପରାମର୍ଶ ଦେଇଛନ୍ତି । ସେହିପରି ବିସ୍ଥାପିତ ପରିବାରକୁ ପ୍ରଦାନ କରାଯାଉଥିବା ୧୦ଲକ୍ଷ ଟଂକା ମଧ୍ୟରୁ ୭ ଲକ୍ଷ ଟଂକାକୁ ସ୍ଥାୟୀ ଜମା ଭାବେ ରଖାଯାଇ ୩ ଲକ୍ଷ ଟଂକା ସେମାନଙ୍କୁ ଆବଶ୍ୟକ ଖର୍ଚ୍ଚ ବାବଦରେ ଦିଆଯାଉଥିଲା । କିନ୍ତୁ ଲୋକମାନଙ୍କର ଦାବି ମୁତାବକ ଏହି

ସ୍ଥାୟୀ ଜମା ଅର୍ଥ ରାଶିକୁ ୭ ଲକ୍ଷ ଟଙ୍କା ବଦଳରେ ୬ ଲକ୍ଷ କରାଯାଇ  ୪ ଲକ୍ଷ ଟଙ୍କା ବିଭିନ୍ନ ଖର୍ଚ୍ଚ ବାବଦରେ ପ୍ରଦାନ କରିବାକୁ ସ୍ଥିର କରାଯାଇଛି । ନୂଆ ରାଇଗୋଡା ଗ୍ରାମରେ ଏକ ସ୍ଥାୟୀ ଜଳ ଉତ୍ସ କରିବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି । ପାହାଡରୁ ଗଡୁଥିବା ବର୍ଷା ଜଳକୁ ସଂରକ୍ଷିତ କରି ରଖିବା ନିମନ୍ତେ ଏକ ଗାର୍ଡୱାଲ ଓ ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଏକ ଚେକ୍ ଡ୍ୟାମ୍ ନିର୍ମାଣ କରିବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି । କଲୋନି ମଧ୍ୟକୁ ଏକ ବିକଳ୍ପ ମୋରମ ରାସ୍ତା କାର୍ଯ୍ୟ  ତଥା ସାରୁଆଳି ଗ୍ରାମରେ ଥିବା ରାସ୍ତା ସହିତ ସଂଯୋଗ ରାସ୍ତା ଦୁରସ୍ତ କରିବାକୁ ବିଭାଗୀୟ ଅଧିକାରୀଙ୍କୁ  ଦାୟିତ୍ୱ ଦିଆଯାଇଛି । ନୂଆ ରାଇଗୋଡାର ଅଧିବାସୀମାନଙ୍କର ନିୟମିତ ସ୍ୱାସ୍ଥ୍ୟ ପରିକ୍ଷା ସହ ଗୃହପାଳିତ ପଶୁମାନଙ୍କର ଚିକିତ୍ସା,କୃଷି ଓ ଉଦ୍ୟାନ କୃଷି କାର୍ଯ୍ୟକୁ ଜିଲ୍ଲାପାଳ ସମୀକ୍ଷା କରିଥିଲେ । ନୂଆ ରାଇଗୋଡା ଗ୍ରାମରେ ଏକ ନୂତନ ସ୍କୁଲ ଗୃହ ପ୍ରତିଷ୍ଠା ନିମନ୍ତେ ସମଗ୍ର ଶିକ୍ଷା ଅଭିଯାନର ଜିଲ୍ଲା ପ୍ରକଳ୍ପ ସଂଯୋଜକଙ୍କୁ ପରାମର୍ଶ ଦିଆଯାଇଛି । ୭୮ଟି ପରିବାର ପାଇଁ ଏକ ମିନି ଅଙ୍ଗନୱାଡି କେନ୍ଦ୍ର ପ୍ରତିଷ୍ଠା କରାଯିବା ସହ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଧନ୍ଦାମୂଳକ ତାଲିମ ପ୍ରଦାନ କରାଯାଇ ସହାୟତା ପ୍ରଦାନ କରାଯିବା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଛନ୍ତି । ସେହିପରି ପଶୁସମ୍ପଦ ବିଭାଗ ଦ୍ୱାରା ଗାଈ,ଗୋରୁ ଓ ଛେଳିମାନଙ୍କୁ କୃମିନାଶକ ଓ ପ୍ରତିଷେଧକ ଔଷଧ  ପ୍ରଦାନ କରିବା ସହ କୃଷି ବିଭାଗ ତରଫରୁ ମାଗଣା କୃଷି ଉପକରଣ ଯୋଗାଇ ଦେବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି । ସମୀକ୍ଷା ବୈଠକର ପ୍ରାରମ୍ଭରେ ସାତକୋଶିଆ ବନ୍ୟପ୍ରାଣୀ ଡିଭିଜନର ବନଖଣ୍ଡ ଅଧିକାରୀ  ପି ରାମସାମୀ  ଏହି ବୈଠକର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ ବାସୁଦେବ  ଶତପଥିଙ୍କ ସମେତ  ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ଓ ବନ ବିଭାଗର କର୍ମଚାରୀମାନେ ଯୋଗଦେଇଥିଲେ ।

